# NATIONAL NEWS BULLETIN (ODIA)
## 11th September - 2025
## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ୭ ହଜାର ୬ ୧୬ କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପକୁ ମଞ୍ଜୁରୀ ।
- ଆଜି ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।
- କୋଲ୍‌କାତାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ବିରୋଧ କରି ପ୍ରଦର୍ଶନ ଲାଗି ସେନା କର୍ମଚାରୀଙ୍କୁ ଅନୁମତି ଦେଲେ ହାଇକୋର୍ଟ ।
- ଆଭ୍ୟନ୍ତରୀଣ ସୁରକ୍ଷା ନେଇ ଚୀନ୍ ନାଗରିକଙ୍କୁ କୌଣସି କାର୍ଯ୍ୟରେ ସାମିଲ୍ କରିବ ନାହିଁ ନାସା ।

ଏବଂ

- ଏସିଆ କପ୍ ପୁରୁଷ କ୍ରିକେଟ୍‌ରେ ୟୁ.ଏ.ଇ.କୁ ୯ ଖ୍ୱିକେଟ୍‌ରେ ପରାସ୍ତ କଲା ଭାରତ ।

# କ୍ୟାବିନେଟ୍ ବ୍ରିଫିଙ୍ଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ପ୍ରାୟ ୭ ହଜାର ୬ ୧୬ କୋଟି ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କ୍ୟାବିନେଟ୍ ବୈଠକରେ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରେଳ ସେକ୍ସନ୍ ଅନ୍ତର୍ଗତ ୧୭୭ କିଲୋମିଟର ଦୀର୍ଘ ଭାଗଲପୁର-ଡୁମ୍କା-ରାମପୁରହାଟ ଏକକ ରେଳ ଲାଇନ୍‌କୁ ଦୋହରିକରଣ କରାଯିବ । ଏହାଦ୍ୱାରା ଗମନାଗମନ ସୁବିଧା ହେବା ସହିତ ଭାରତୀୟ ରେଳବାଇର ସେବା କ୍ଷମତା ବୃଦ୍ଧି ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଏହି ପ୍ରକଳ୍ପ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନବଭାରତ ଗଠନ ସମ୍ପର୍କିତ ଦୂରଦୃଷ୍ଟିକୁ ସାକାର କରିବା ଲାଗି ସମ୍ପୃକ୍ତ ଅଞ୍ଚଳର ସମନ୍ୱିତ ବିକାଶ ସହିତ ଆତ୍ମନିଯୁକ୍ତିର ସୁଯୋଗ ମଧ୍ୟ ବୃଦ୍ଧି ପାଇବ ।

ଏହାଛଡ଼ା ବିହାରର ମୋକାମା-ମୁଙ୍ଗେର୍ ସେକ୍ସନ୍ ଅନ୍ତର୍ଗତ ବକ୍ସାର୍, ଭାଗଲପୁର କରିଡ଼ରକୁ ଚାରି ଲେନ୍ କରାଯିବ । ୮୨ରୁ ଉର୍ଦ୍ଧ୍ୱ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ଲାଗି ପ୍ରାୟ ୪ ହଜାର ୪୪୭ କୋଟି ଟଙ୍କାର

ବ୍ୟୟ ଅଟକଳ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ମୁକାମା, ବାରାହିୟା, ଲଖିସାରାଇ, ଜମଲପୁର, ମୁଙ୍ଗେର୍ ଆଦି ସହରକୁ ଭାଗଲପୁର ସହିତ ସଂଯୋଗ କରାଯାଇପାରିବ । ଏହାଛଡ଼ା ଏହି ପ୍ରକଳ୍ପ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପି.ଏମ୍. - ବାରାଣସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଗସ୍ତ କରିବେ । ଏହି ଗସ୍ତ ଅବସରରେ ୮ ଦିନିଆ ଭାରତ ଗସ୍ତରେ ଆସିଥିବା ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍‌ଙ୍କ ସହିତ ଶ୍ରୀ ମୋଦୀ ବାରାଣାସୀଠାରେ ଦ୍ୱିପକ୍ଷିୟ ଆଲୋଚନା କରିବେ । ମରିସସ୍ ପ୍ରଧାନମନ୍ତ୍ରୀ ଶ୍ରୀ ରାଗଗୁଲାମ ଗତ ସନ୍ଧ୍ୟାରେ ବାରାଣସୀଠାରେ ପହଞ୍ଚି ସାରିଛନ୍ତି । ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ ପଟେଲ ଶ୍ରୀ ରାମଗୁଲାମ୍‌ଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଗାର୍ଡ୍ ଅଫ୍ ଅନର୍ ଦିଆଯାଇଛି । ଏହି ଆଲୋଚନା ସମୟରେ ଉଭୟ ନେତା ବିକାଶ ସହଭାଗିତା ଏବଂ କ୍ଷମତା ନିର୍ମାଣ ଉପରେ ବିଶେଷ ଧ୍ୟାନ ଦେଇ ସହଯୋଗର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଶକ୍ତି, ଭିତ୍ତିଭୂମି ସହିତ

ନବୀକରଣ ଯୋଗ୍ୟ ଶକ୍ତି, ଡିଜିଟାଲ ସାଧାରଣ ଭିତ୍ତିଭୂମି ଏବଂ ନୀଳ ଅର୍ଥନୀତି ଭଳି ବିଭିନ୍ନ ସମ୍ଭାବ୍ୟ କ୍ଷେତ୍ରରେ ସହଯୋଗକୁ କିଭଳି ସମ୍ପ୍ରସାରିତ କରାଯାଇପାରିବ ସେ ଦିଗରେ ଆଲୋଚନା କରିବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଡେରାଡୁନ୍ ଗସ୍ତ କରି ଉତ୍ତରାଖଣ୍ଡର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଆକାଶମାର୍ଗରୁ ନିରିକ୍ଷଣ କରିବେ । ପରେ ପ୍ରଧାନମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ଆର୍ମି ଭେଟେରାନ୍ସ ପ୍ରୋଟେଷ୍ଟ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସେନା ଉପରେ ମନ୍ତବ୍ୟକୁ ନେଇ କୋଲ୍‌କାତା ମଇଦାନ ଅଞ୍ଚଳରେ ଥିବା ଗାନ୍ଧି ମୂର୍ତ୍ତି ନିକଟରେ ଧାରଣା ଓ ପ୍ରଦର୍ଶନ ପାଇଁ ସେନା କର୍ମଚାରୀଙ୍କୁ କୋଲ୍‌କାତା ହାଇକୋର୍ଟ ଅନୁମତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଷ୍ଟର୍ଣ୍ଣ କମାଣ୍ଡ୍'ର ଜଣେ ସେନାଧିକାରୀ ତୃଣମୂଳକ କଂଗ୍ରେସର ମଞ୍ଚ ହଟାଇଦେବା ପରେ ମନ୍ତବ୍ୟ ଦେଇଥିଲେ । ସେନାପକ୍ଷରୁ ମଞ୍ଚ ହଟାଇବା ଲାଗି ବାରମ୍ବାର କୁହାଯାଇଥିଲେ ମଧ୍ୟ କୋଲ୍‌କାତା ପୁଲିସ କୌଣସି ପଦକ୍ଷେପ ନ ନେବାରୁ ସେନାପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା । ସୂଚନା ଅନୁଯାୟୀ, ମଇଦାନ ଅଞ୍ଚଳ ଭାରତୀୟ

ସେନା ଅଧୀନରେ ଆସୁଥିବାବେଳେ ତାହାର କିଛି ଅଂଶ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଆସୁଛି । ଏହାକୁ ନେଇ ସେନା ଅଧିକାରୀମାନେ ସେହି ମଞ୍ଚକୁ ହଟାଇ ଦେଇଥିଲେ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସେନା ପକ୍ଷରୁ କୋଲ୍‌କାତା ହାଇକୋର୍ଟଙ୍କ ନିକଟରେ ଅନୁମତି ପାଇଁ ପ୍ରାର୍ଥନା କରାଯାଇଥିଲା । ଅନ୍ୟପକ୍ଷରେ ପ୍ରସ୍ତାବିତ ଧାରଣାରେ କୌଣସି ବି.ଜେ.ପି. ନେତା ସାମିଲ୍ ହେବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି । ଏହି ଧାରଣାରେ କେଉଁମାନେ ସାମିଲ୍ ହେବେ, ସେ ସମ୍ପର୍କିତ ଏକ ତାଲିକା କୋଲ୍‌କାତା ପୁଲିସ୍‌କୁ ଦେବାକୁ କୋର୍ଟ କହିଛନ୍ତି ।

ଅନ୍ୟପକ୍ଷରେ ସେନାର ମଞ୍ଚ ହଟାଇବା କାର୍ଯ୍ୟକୁ ନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ପଶ୍ଚିମବଙ୍ଗ ବିଧାନସଭାରେ ତୁମୁଳ ହଟ୍ଟଗୋଳ ହୋଇଥିଲା । ଏହି ଘଟଣାକୁ ନେଇ ବିରୋଧୀ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ମଧ୍ୟ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରୁ ୩ ଦିନ ପାଇଁ ନିଲମ୍ବିତ କରାଯାଇଥିଲା । ସେନା ବି.ଜେ.ପି. ଅଧୀନରେ କାର୍ଯ୍ୟ କରକୁଛି ବୋଲି ମମତା ବାନାର୍ଜୀ କହିଥିଲେ ।

## ନାସା – ଚାଇନିଜ୍ ନ୍ୟାସନାଲ୍

ନାସା ପକ୍ଷରୁ ଚୀନ ନାଗରିକମାନଙ୍କୁ ଏହାର କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ନିଷେଧ କରାଯାଇଛି । ଏହି ଆମେରିକୀୟ ସରକାରୀ

ସଂସ୍ଥାଦ୍ୱାରା ନୀତିରେ ପରିବର୍ତ୍ତନ କରାଯିବା ପରେ ମହାକାଶ ଦୌଡ଼ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଲକ୍ଷ୍ୟ କରି ଏହି ନିଷ୍ପତ୍ତି ନିଆଯାଇଛି । ନାସା ନିଜର ଆଭ୍ୟନ୍ତରୀଣ କାର୍ଯ୍ୟ, ସାଇବର ସୁରକ୍ଷା ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ ନୀତିଗତ ନିଷ୍ପତ୍ତି ଯୋଗୁଁ ଚୀନ ନାଗରିକଙ୍କୁ ସାମିଲ୍ କରିବ ନାହିଁ ବୋଲି ସ୍ପଷ୍ଟ କରିଛି । ପୂର୍ବରୁ ଚୀନ ନାଗରିକମାନଙ୍କୁ ନାସାରେ ଠିକାଦାର କିମ୍ବା ଗବେଷକ ଭାବରେ କାମ କରିବାକୁ ଅନୁମତି ଦିଆଯାଉଥିଲା ।

## ମରିସସ୍ ପିଏମ୍ ମୁମ୍ବାଇ ଭିଜିଟ୍

ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ କହିଛନ୍ତି, ତାଙ୍କ ଦେଶର ସାମାଜିକ-ଅର୍ଥନୈତିକ ବିକାଶ ସହିତ ସାମଗ୍ରୀକ ଅଗ୍ରଗତିରେ ଭାରତ ଏକ ସମୟପରୀକ୍ଷିତ ବିଶ୍ୱସ୍ତ ଭାଗିଦାରୀ ଭାବେ ରହି ଆସିଛି । ଗତକାଲି ମୁମ୍ବାଇରେ ଅନୁଷ୍ଠିତ ଭାରତ-ମରିସସ୍ ବ୍ୟାବସାୟିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଭାରତକୁ ମରିସସ୍‌ର ଏକ ଅଗ୍ରଣୀ ବ୍ୟାବସାୟିକ ଭାଗିଦାରୀ ତଥା ତୃତୀୟ ସର୍ବବୃହତ ରପ୍ତାନୀକାରୀ ଦେଶ ଭାବେ ଅଭିହିତ କରି ଶ୍ରୀ ରାମଗୁଲାମ କହିଛନ୍ତି, ଆପୋଷ ସମ୍ମାନ, ବନ୍ଧୁତ୍ୱ ଏବଂ ବିଶ୍ୱାସ ଉପରେ ଆଧାରିତ ଭାରତ ସହ ତାଙ୍କ ଦେଶର ସମ୍ପର୍କ ବିଶେଷ କରି ଅର୍ଥନୈତିକ କାରବାର କ୍ରମଶଃ ସୁଦୃଢ଼ ହେବାରେ ଲାଗିଛି । ବର୍ତ୍ତମାନ

ମରିସସ୍ ଭାରତକୁ ପ୍ରାୟ ବାର୍ଷିକ ପ୍ରାୟ ୫ କୋଟି ଆମେରିକୀୟ ଡଲାର୍ ପରିମାଣର ରପ୍ତାନୀ କରୁଛି । ଆଗାମୀ ଦିନରେ ଏହି ପରିମାଣ ଦ୍ୱିଗୁଣିତ ହେବ ବୋଲି ଶ୍ରୀ ରାମଗୁଲାମ ଆଶାବ୍ୟକ୍ତ କରିଛନ୍ତି । ମରିସସ୍‌କୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଯିବା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଭାରତ, ଆଫ୍ରିକା ଓ ମରିସସ୍ ମଧ୍ୟରେ ତ୍ରିପାକ୍ଷିକ ସହଯୋଗ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ସୁଦୃଢ଼ ହୋଇପାରିବ । ବିଭିନ୍ନ ବୈଶ୍ୱିକ ପରିସ୍ଥିତି ସତ୍ତ୍ୱେ ଭାରତ ଓ ମରିସସ୍ ମଧ୍ୟରେ ଥିବା ସମ୍ପର୍କ କ୍ରମଶଃ ସଶକ୍ତ ହେବାରେ ଲାଗିଛି ବୋଲି ଶ୍ରୀ ରାମଗୁଲାମ୍ ମତବ୍ୟକ୍ତ କରିଛନ୍ତି ।

## ଇସ୍ରୋ - ହଣ୍ଡ୍ରେଡ୍ଥ୍ ଟି.ଓ.ଟି.

କ୍ଷୁଦ୍ର ଉପଗ୍ରହ ପ୍ରେରଣ ଯାନ - ଏସ୍.ଏସ୍.ଏଲ୍.ଭି. ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ନିୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍, ଭାରତ ମହାକାଶ ଗବେଷଣା ସଙ୍ଗଠନ, ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର ଓ ହିନ୍ଦୁସ୍ଥାନ ଏରୋନେଟିକ୍ସ ମଧ୍ୟରେ ଏହି ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି ।

ଇସ୍ରୋଦ୍ୱାରା ବିକଶିତ ଉଦ୍‌କ୍ଷେପଣ ଯାନ ଏସ୍.ଏସ୍.ଏଲ୍.ଭି.କୁ ଏଭଳି ଭାବରେ ଡିଜାଇନ୍ କରାଯାଇଛି, ଯାହା ଶିଳ୍ପଦ୍ୱାରା ଉତ୍ପାଦନ

କରାଯାଇପାରିବ । କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ପାଇଁ ବିଶ୍ୱରେ ଚାହିଦା ବୃଦ୍ଧି ପାଉଥିବାରୁ ଇସ୍ରୋ ପକ୍ଷରୁ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଫଳରେ ଆଗାମୀ ଦିନରେ ଶ୍ରୀହରିକୋଟାରୁ ଉତ୍କ୍ଷେପଣ ସହଜସାଧ୍ୟ ହୋଇପାରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ କହିଛି, ଏହି ଚୁକ୍ତିନାମା ଫଳରେ ଦେଶର ମହାକାଶ କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ିହୋଇଛି ।

## ୱାର୍ଲ୍ଡ ରିଚେଷ୍ଟ ପର୍ସନ୍

ଏଲନ୍ ମସ୍କ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଭାବରେ ମାନ୍ୟତା ହରାଇଛନ୍ତି । ବ୍ଲୁମ୍ବର୍ଗ କୋଟିପତି ସୂଚକାଙ୍କ ଅନୁଯାୟୀ ଓରାକେଲ୍‌ର ସହ-ପ୍ରତିଷ୍ଠାତା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍‌ଙ୍କ ସହଯୋଗୀ ଲାରି ଏଲିସନ୍ ଏହି ତାଲିକାର ଶୀର୍ଷକୁ ଉଠିଛନ୍ତି । ଏଲିସନ୍‌ଙ୍କ ସମ୍ପତ୍ତି ୩୯୩ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିବାବେଳେ ଏଲନ୍ ମସ୍କଙ୍କ ସମ୍ପତ୍ତି ୩୮୫ ବିଲିୟନ୍ ଡଲାର ରହିଛି । କିଛିଦିନ ମଧ୍ୟରେ ଓରାକେଲ୍‌ର ସେୟାର୍ ମୂଲ୍ୟ ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ଜଣାପଡ଼ିଛି ।

## ଫରେନ୍ ସେକ୍ରେଟେରୀ-ୟୁଏଇ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ନୂଆଦିଲ୍ଲୀଠାରେ ସଂଯୁକ୍ତ ଆରବ ଏମିରେଟସ୍‌ର ଆନ୍ତର୍ଜାତିକ ସହଯୋଗ ରାଷ୍ଟ୍ର ମନ୍ତ୍ରୀ ରିମ୍ ଆଲ୍ ହାସିମିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ବିଶେଷ କରି ରାଜନୈତିକ, ବ୍ୟବସାୟ ଓ ପୁଞ୍ଜିନିବେଶ, ଶକ୍ତି, ପ୍ରତିରକ୍ଷା, ସୁରକ୍ଷା, ଶିକ୍ଷା, ସଂସ୍କୃତି ଓ ଜନସମ୍ପର୍କ ସମେତ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଆଦି ପ୍ରସଙ୍ଗ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ଭାରତ-ୟୁଏଇ ସମନ୍ୱିତ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ଅବସରରେ ସମୀକ୍ଷା କରାଯାଇଛି । ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ଉଭୟ ମତ ବିନିମୟ କରିଛନ୍ତି । ଭାରତ-ୟୁଏଇ ମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ବାଣିଜ୍ୟ କାରବାର ୧୦୦ ବିଲିୟନ୍ ଡଲାର୍‌ରୁ ଉର୍ଦ୍ଧ୍ୱ ପରିମାଣର ହୋଇଥିବା ଏହି ବୈଠକରୁ ସୂଚନା ମିଳିଛି ।

## ଏମ୍.ଇ.ଏ. - ଇୟୁ ଇଣ୍ଡିଆ

ଭାରତ-ୟୁରୋପୀୟ ସଂଘ ଆତଙ୍କବାଦ ନିରୋଧି ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀର ପଞ୍ଚଦଶତମ ବୈଠକ ବ୍ରୁସେଲ୍ସ ଠାରେ ଅନୁଷ୍ଠିତ ହୋଇଯାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ନିରୋଧି ବିଭାଗର ଯୁଗ୍ମ ସଚିବ କେ.ଡି. ଦେଓ୍ୱାଲ୍ ଏବଂ ୟୁରୋପୀୟ ସଂଘର ପ୍ରତିରକ୍ଷା ଓ ସୁରକ୍ଷା ନୀତିର ନିର୍ଦ୍ଦେଶକ ମ୍ୟାକିଜ୍ ଷ୍ଟାଡେଜେକ୍ ଏହି ବୈଠକରେ ସହ ଅଧ୍ୟକ୍ଷତା କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଉଭୟ ପକ୍ଷ ଗତ ଏପ୍ରିଲ୍ ୨୨ରେ ହୋଇଥିବା ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏଥିରେ ନିରିହ ନାଗରିକଙ୍କର ଜୀବନହାନୀ ହୋଇଥିବାରୁ ୟୁରୋପୀୟ ସଂଘ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି । ସମସ୍ତ ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ, ଏଥିଲାଗି ପାଣ୍ଠି ଯୋଗାଣ ଏବଂ ସୀମାପାର୍ ଆତଙ୍କବାଦକୁ ପ୍ରତିହତ କରିବା ଦିଗରେ ଉଭୟ ପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ବୋଲି ଏହି ବିବୃତ୍ତିରେ କୁହାଯାଇଛି ।

## କ୍ରିକେଟ୍

ଏସିଆ କପ୍ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତଦଶ ସଂସ୍କରଣରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ୍-ଏ'ର ପ୍ରଥମ ମ୍ୟାଚ୍‌ରେ ଭାରତ ୯ ୱିକେଟ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସକୁ ପରାସ୍ତ

କରିଛି । ପ୍ରଥମେ ବ୍ୟାଟିଂ କରି ସଂଯୁକ୍ତ ଆରବ ଏମିରେଟ୍ସ ୧୩ ଓଭର ଗୋଟିଏ ବଲ୍‌ରେ ୫୭ ରନ୍ ସଂଗ୍ରହ କରିଥିଲା । ଭାରତ ମାତ୍ର ୪ ଓଭର ୩ଟି ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଜି ଆବୁଧାବିସ୍ଥିତ ଶେଖ୍ ଜାୟାଦ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଗ୍ରୁପ୍-ବି.'ର ଏକ ମ୍ୟାଚ୍‌ରେ ବାଂଲାଦେଶ ଓ ହଂକଂ ମଧ୍ୟରେ ମୁକାବିଲା ହେବ ।

*****